# NATIONAL NEWS BULLETIN (ODIA)

**4 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ଜାରି ରହିଛି ଭୋଟ୍ ଗଣତି

–ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ଭୋଟ୍ ଗଣତିରେ ପୂର୍ଣ୍ଣ ବହୁମତ ଆଡ଼କୁ ଅଗ୍ରସର ହେଉଛି ବିଜେପି

– ୧୯୦ଟି ଆସନରେ ଆଗୁଆ, ୯୫ଟି ଆସନରେ ତୃଣମୂଳ କଂଗ୍ରେସ

– ଆସାମରେ ବିଜେପି ୮୦ଟି ଆସନରେ ଆଗୁଆ

ଏବଂ

– ତାମିଲନାଡୁରେ ୧୧୦ଟି ଆସନରେ ଆଗରେ ରହିଛି ଟିଭିକେ

–କେରଳରେ ୟୁଡିଏଫ୍ ପୂର୍ଣ୍ଣବହୁମତ ଆଡ଼କୁ ଅଗ୍ରସର

## ଇଲେକ୍ସନ-ଇଣ୍ଟ୍ରୋ

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ୍, ଆସାମ ଓ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ପାଇଁ ଆଜି ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଛି। ପ୍ରଥମେ ପୋଷ୍ଟାଲ୍ ବାଲାଟ ଗଣତି କରାଯିବା ପରେ ଇଭିଏମ୍ ଗଣତି ଜାରି ରହିଛି । ଏଥିସହିତ ୫ଟି ରାଜ୍ୟର

୭ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମଧ୍ୟ ଭୋଟ୍ ଗଣତି ଜାରି ରହିଛି ।

## ଡବ୍ଲୁବି-ଇଲେକ୍ସନ

ପଶ୍ଚିମବଙ୍ଗରେ ବିଜେପି  ବିଜୟ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି । ୨୯୪ଟି ଆସନ ମଧ୍ୟରୁ ୨୯୩ଟି ବିଧାନସଭା ଆସନ ପାଇଁ ଭୋଟ୍ ଗଣତି ଜାରି ରହିଛି । ବିଜେପି ୧୯୦ଟି ଆସନରେ ଆଗୁଆ ଥିବା ବେଳେ ତୃଣମୂଳ କଂଗ୍ରେସ ୯୫ଟି, ସିପିଏମ୍ ଗୋଟିଏ ଏବଂ ଅନ୍ୟ ଦଳଗୁଡ଼ିକ ୪ଟି ଆସନରେ ଆଗୁଆ ଅଛନ୍ତି । ୧୫ ବର୍ଷ କ୍ଷମତାରେ ରହିବା ପରେ ତୃଣମୂଳ କଂଗ୍ରେସ ପରାଜୟ ଆଡ଼କୁ ଅଗ୍ରସର ହେଉଛି । ସେଠାରେ ସରକାର ଗଠନ ପାଇଁ ୧୪୮ଟି ଆସନର ଆବଶ୍ୟକତା ରହିଛି ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଭବାନୀପୁର ଆସନରେ ବିଜେପି ପ୍ରତିଦ୍ୱନ୍ଦୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ଆଗରେ ରହିଥିବା ବେଳେ ନନ୍ଦୀଗ୍ରାମ ଆସନରେ ଶୁଭେନ୍ଦୁ ଅଧିକାରୀ ଆଗରେ ଅଛନ୍ତି । ଆସାନସୋଲ ଦକ୍ଷିଣ ଆସନରେ ବିଜେପି ପ୍ରାର୍ଥୀ ଅଗ୍ନିମିତ୍ର ପଲ୍’ ଟିଏମ୍‌ସିର ତାପସ ବାନାର୍ଜୀଙ୍କଠାରୁ ଆଗରେ ରହିଥିବା ବେଳେ ଯାଦବପୁରରେ ବିଜେପି ପ୍ରାର୍ଥୀ ସର୍ବରୀ ମୁଖାର୍ଜୀ ଟିଏମ୍‌ସି ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଆଗରେ ରହିଛନ୍ତି । ଆର୍‌ଜି କର  ଘଟଣାର ପୀଡ଼ିତାଙ୍କ ମାତା ତଥା ବିଜେପି ପ୍ରାର୍ଥୀ ରତ୍ନା ଦେବନାଥ ପାଣିହାଟ ଆସନରୁ ଆଗରେ ଅଛନ୍ତି ।

ଆମ୍ ଜନତା ଉନ୍ନୟନ ପାର୍ଟି ମୁଖ୍ୟ ହୁମାୟୁନ କବିର ନୌଓ୍ୱାଡ଼ା ଆସନରେ ଟିଏମ୍‌ସି ପ୍ରାର୍ଥୀଙ୍କଠାରୁ ଆଗରେ ରହିଛନ୍ତି ।

ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ଗତମାସ ୨୩ରେ ୧୫୨ଟି ଆସନ ଏବଂ ୨୯ ତାରିଖରେ ୧୪୨ଟି ଆସନରେ ମତଦାନ ହୋଇଥିଲା । ମାଗ୍ରାହାଟ ପଶ୍ଚିମର ୧୧ଟି ଏବଂ ଡାଇମଣ୍ଡ ହାର୍ବର ବିଧାନସଭା ଅଞ୍ଚଳର ୪ଟି ଆସନରେ ଗତ ୨ ତାରିଖରେ ପୁନଃ ମତଦାନ ହୋଇଥିବା ବେଳେ ଫାଲ୍‌ଟା ବିଧାନସଭା ଆସନ ପାଇଁ ପୁଣିଥରେ ଚଳିତମାସ ୨୧ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୨୪ ତାରିଖରେ ଭୋଟ୍ ଗଣତି ହେବ ।

ଚଳିତ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ୨୯୧ଟି ଆସନରେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବିଜେପି ସମସ୍ତ ୨୯୪ଟି ଆସନ ଏବଂ କଂଗ୍ରେସ ୨୯୨ଟି ଆସନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୨୦୨୧ ନିର୍ବାଚନରେ ତୃଣମୂଳ କଂଗ୍ରେସ ୨୧୫ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଜେପିକୁ ୭୭ଟି ଆସନ ମିଳିଥିଲା ।

---

## ଆସାମ

ଆସାମରେ ୧୨୬ଟି ଆସନ ପାଇଁ ଭୋଟ୍ ଗଣତି ସୁରୁଖୁରୁ ଚାଲିଥିବା ବେଳେ ୧୨୬ଟି ଆସନର ଫଳାଫଳ ଆସିବାରେ ଲାଗିଛି । ବିଜେପି ୮୦ଟି ଆସନରେ ଆଗରେ ରହିଥିବା ବେଳେ ଆସାମ ଗଣପରିଷଦ ୯ଟି ଏବଂ କଂଗ୍ରେସ ୨୪ଟି ଆସନରେ ଆଗରେ ରହିଛନ୍ତି । ବୋଡୋଲ୍ୟାଣ୍ଡ ପିପୁଲ୍‌ସ ଫ୍ରଣ୍ଟ ୧୦ଟି ଆସନରେ ଆଗରେ ରହିଛି ।

ବିଜେପି ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିକଟତମ କଂଗ୍ରେସ ପ୍ରାର୍ଥୀ ବିଦିଶା ଲିଓଗଙ୍କଠାରୁ ୭ ହଜାରରୁ ଅଧିକ ଭୋଟ୍‌ରେ ଆଗରେ ଅଛନ୍ତି । ଜାଲୁକବାରୀ ବିଧାନସଭା ଆସନରୁ ଷଷ୍ଠଥର ପାଇଁ ହିମନ୍ତ ବିଶ୍ୱଶର୍ମା ନିର୍ବାଚନ ଲଢୁଛନ୍ତି । ଆସାମ କଂଗ୍ରେସ ଅଧ୍ୟକ୍ଷ ଗୌରବ ଗୋଗୋଇ ଜୋରହାଟ ଆସନରେ ବିଜେପି ପ୍ରାର୍ଥୀ ହିତେନ୍ଦ୍ର ନାଥ ଗୋସ୍ୱାମୀଙ୍କଠାରୁ ପଛରେ ଅଛନ୍ତି । ବିଜେପି ନେତୃତ୍ୱାଧୀନ ଆସାମ ସରକାରର ଅନେକ ମନ୍ତ୍ରୀ ଆଗରେ ରହିଥିବା ଜଣାପଡ଼ିଛି ।

---

## ପୁଡୁଚେରୀ

ପୁଡୁଚେରୀରେ ୩୦ଟି ବିଧାନସଭା ଆସନରେ ୬ଟି କେନ୍ଦ୍ରରେ ମତଗଣନା ଚାଲିଛି । ୩୦ଟି ଆସନ ମଧ୍ୟରୁ ଅଲ୍‌ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ୫ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୪ଟି ଆସନରେ ଆଗରେ ରହିଛି । ବିଜେପି  ଗୋଟିଏ ଆସନରେ ବିଜୟ ଲାଭ କରିଥିବା ବେଳେ ଗୋଟିଏରେ ଆଗୁଆ ଏବଂ କଂଗ୍ରେସ୧ ଆସନରେ ବିଜୟଲାଭ କରିଛି । ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ଗୋଟିଏ ଲେଖାଏ ଆସନରେ ବିଜୟ ହାସଲ କରିଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ଏହି ନିର୍ବାଚନରେ ୨୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପି ରାଜ୍ୟ ସଭାପତି ଭି.ପି. ରାମଲିଙ୍ଗମ୍, ଗୃହମନ୍ତ୍ରୀ ଏ. ନମଶିବାୟମ୍, ବାଚସ୍ପତି ଆର୍.ସେଲ୍‌ଭମ୍ ଏବଂ ବିରୋଧୀ ଦଳ ନେତା ଆର୍.ଶିବା ରହିଛନ୍ତି ।

# କେରଳ

କେରଳରେ ଭୋଟ୍ ଗଣତି ଜାରି ରହିଥିବା ବେଳେ କଂଗ୍ରେସ ୩ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୫୯ଟି ଆସନରେ ଆଗରେ ରହିଛି । ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ ୨୨ଟି ଆସନରେ ଆଗୁଆ ରହିଥିବା ଜଣାପଡ଼ିଛି । ଶାସକ ସିପିଆଇଏମ୍ ଗୋଟିଏ ଆସନରେ ବିଜୟଲାଭ କରିଥିବା ବେଳେ ୨୬ଟି ଆସନରେ ଆଗରେ ରହିଛି । ସିପିଆଇ ୯ଟି, କେରଳ କଂଗ୍ରେସ ୭ଟି ଓ ବିଜେପି ୨ଟି ଆସନରେ ଆଗରେ ରହିଛି ।

ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ୍ ନେତା ପିନରାଇ ବିଜୟନ୍  ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପଛରେ ରହିଛନ୍ତି । କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଜର୍ଜ କୁରିଅନ୍’ କଂଗ୍ରେସ ପ୍ରାର୍ଥୀ ରୋନି କେ ବେବିଙ୍କଠାରୁ ପଛରେ ଅଛନ୍ତି ।

---

# ପୁଡୁଚେରୀ

ପୁଡୁଚେରୀରେ ୩୦ଟି ବିଧାନସଭା ଆସନରେ ୬ଟି କେନ୍ଦ୍ରରେ ମତଗଣନା ଚାଲିଛି । ୩୦ଟି ଆସନ ମଧ୍ୟରୁ ଅଲ୍ଇଣ୍ଡିଆ ଏନ୍ଆର୍ କଂଗ୍ରେସ ୫ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୪ଟି ଆସନରେ ଆଗରେ ରହିଛି । ବିଜେପି  ଗୋଟିଏ ଆସନରେ ବିଜୟ ଲାଭ କରିଥିବା ବେଳେ ଗୋଟିଏରେ ଆଗୁଆ ଏବଂ କଂଗ୍ରେସ ୧ ଆସନରେ ବିଜୟଲାଭ କରିଛି । ଏଆଇଏଡିଏମ୍କେ ଏବଂ ଡିଏମ୍କେ ଗୋଟିଏ ଲେଖାଏ

ଆସନରେ ବିଜୟ ହାସଲ କରିଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।

ଏହି ନିର୍ବାଚନରେ ୨୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପି ରାଜ୍ୟ ସଭାପତି ଭି.ପି. ରାମଲିଙ୍ଗମ୍, ଗୃହମନ୍ତ୍ରୀ ଏ. ନମଶିବାୟମ୍, ବାଚସ୍ପତି ଆର୍.ସେଲ୍ଭମ୍ ଏବଂ ବିରୋଧୀ ଦଳ ନେତା ଆର୍.ଶିବା ରହିଛନ୍ତି ।

## ବାଇ ଇଲେକ୍ସନ

୫ଟି ରାଜ୍ୟର ୭ଟି ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନ ପାଇଁ ମଧ୍ୟ ଭୋଟ୍ ଗଣନା ଜାରି ରହିଛି । କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର ୨ଟି ଲେଖାଏଁ ଓ ଗୁଜରାଟ, ତ୍ରିପୁରା ଏବଂ ନାଗାଲ୍ୟାଣ୍ଡର ଗୋଟିଏ ଲେଖାଏଁ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସର୍ବଶେଷ ଫଳାଫଳ ଅନୁଯାୟୀ, ବିଜେପି ୨ଟି ଆସନରେ ବିଜୟଲାଭ କରିଥିବା ବେଳେ ୩ଟି ଆସନରେ ଆଗରେ ରହିଛି । କଂଗ୍ରେସ ଏବଂ ଏନ୍ସିପି ଗୋଟିଏ ଲେଖାଏଁ ଆସନରେ ଆଗରେ ଅଛନ୍ତି ।

ତ୍ରିପୁରାର ଧର୍ମନଗର ଆସନରେ ବିଜେପି ପ୍ରାର୍ଥୀ ଜହର ଚକ୍ରବର୍ତ୍ତୀ ସିପିଆଇଏମ୍‌ର ଅମିତାଭ ଦତ୍ତଙ୍କୁ ୧୮ ହଜାର ୨୯୦ ଭୋଟ୍‌ରେ ପରାସ୍ତ କରିଥିବା ବେଳେ ନାଗାଲ୍ୟାଣ୍ଡର କୋରିଡାଙ୍ଗ ଆସନରେ ବିଜେପିର ଦାଓଚିର୍ ଇନ୍‌ଚେନ୍ ନିକଟତମ ସ୍ୱାଧୀନ ପ୍ରତିଦ୍ୱନ୍ଦୀ ତୋଷୀ କାବାଙ୍କୁ ୩ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି । କର୍ଣ୍ଣାଟକର ଦେବନାଗେର ଦକ୍ଷିଣ ଆସନରେ ବିଜେପି ପ୍ରାର୍ଥୀ ଆଗରେ ରହିଥିବା ବେଳେ

ବାଗଲକୋଟ ଆସନରେ କଂଗ୍ରେସ ପ୍ରାର୍ଥୀ ୧୭ ହଜାରରୁ ଅଧିକ ଭୋଟ୍‌ରେ ଆଗରେ ଅଛନ୍ତି ।

ମହାରାଷ୍ଟ୍ରରେ ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ପ୍ରାର୍ଥୀ ସୁନେତ୍ରା ଅଜିତ ପାୱାର ବାରାମତୀ ଆସନରୁ ୭୮ ହଜାରରୁ ଅଧିକ ଭୋଟ୍‌ରେ ଆଗରେ ଥିବା ବେଳେ ରାହୁରୀ ଆସନରେ ବିଜେପି ପ୍ରାର୍ଥୀ ଆଗରେ ରହିଛନ୍ତି ।

ଗୁଜରାଟର ଉମରେଥ ଆସନରେ ବିଜେପି ପ୍ରାର୍ଥୀ ୨୯ ହଜାରରୁ ଅଧିକ ଭୋଟ୍‌ରେ ଆଗରେ ରହିଛନ୍ତି ।

# ଫାୟାର ସେଫ୍‌ଟି ୱିକ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଆରମ୍ଭ କରାଯିବ । ଅଗ୍ନି ନିରାପତ୍ତା ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ସପ୍ତାହ ପାଳନ କରାଯିବ । ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲୀଲା ଶ୍ରୀବାସ୍ତବ ଅଗ୍ନି ନିରାପତ୍ତା ସପ୍ତାହର ଉଦ୍‌ଘାଟନ କରିବେ। ସେ ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନସ୍ଥିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ପ୍ରତିଜ୍ଞା ଶପଥ ଗ୍ରହଣର ନେତୃତ୍ୱ ନେବେ। ସପ୍ତାହବ୍ୟାପୀ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବ୍ୟାପକ ସଚେତନତା ଅଭିଯାନ, ମକ୍‌ଡ୍ରିଲ, କ୍ଷମତା ନିର୍ମାଣ ପଦକ୍ଷେପ, ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକା ପ୍ରସାର ସମେତ ବିଭିନ୍ନ କାର୍ଯ୍ୟକଳାପ କରାଯିବ।

# ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଉତ୍ତର ପ୍ରଦେଶର ପ୍ରୟାଗରାଜରେ ରକ୍ଷା ତ୍ରିବେଣୀ ସଙ୍ଗମ ସିମ୍ପୋଜିୟମ ଉଦ୍‌ଘାଟନ କରିବେ । ସିମ୍ପୋଜିୟମରେ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଏବଂ ସେନା ଏକତ୍ରୀକରଣ ବିଷୟରେ ଆଲୋଚନା ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଏହି ସିମ୍ପୋଜିୟମ ବିଭିନ୍ନ ଆହ୍ୱାନ ଗୁଡ଼ିକୁ ଦୂର କରିବା ପାଇଁ ଅତ୍ୟାଧୁନିକ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଏବଂ ସମନ୍ୱିତ କରିବା ପାଇଁ ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିବ। ଏହି ପ୍ରଦର୍ଶନୀରେ ଦେଶର ଏମଏସଏମଇ, ଘରୋଇ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଫାର୍ମ, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସମେତ ବିଭିନ୍ନ ଅଂଶଗ୍ରହଣକାରୀ ସାମିଲ ହେବେ।

୨୮୦ରୁ ଅଧିକ କମ୍ପାନୀ ସେମାନଙ୍କର ସଦ୍ୟତମ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିବା ସହ ଷ୍ଟଲ ସ୍ଥାପନ କରିବେ ବୋଲି ଜଣାପଡିଛି ।

ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତୀୟ ସେନାର ନର୍ଦର୍ଣ୍ଣ କମାଣ୍ଡ ଏବଂ କେନ୍ଦ୍ରୀୟ କମାଣ୍ଡ ଓ ଭାରତୀୟ ପ୍ରତିରକ୍ଷା ନିର୍ମାତା ସଂଗଠନ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି ।

# ଏପି ସିଏମ୍ ଷ୍ଟେଟ୍‌ମେଣ୍ଟ

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏର ପ୍ରଦର୍ଶନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ନେତୃତ୍ୱ ପ୍ରତି ଜନସାଧାରଣଙ୍କ ବୃଦ୍ଧି ପାଉଥିବା ଆସ୍ଥା ପ୍ରମାଣିତ କରିଛି । ସେ କହିଛନ୍ତି, ବିକଶିତ ଭାରତ ଦୃଷ୍ଟିକୋଣକୁ ସାକାର କରିବା ଲାଗି ଏନଡିଏ ବିକାଶ ଉପରେ ପ୍ରାଧାନ୍ୟ ଦେଉଥିବାରୁ ସମର୍ଥନ ବୃଦ୍ଧି ପାଇଛି । ସେ କହିଛନ୍ତି, ଯୁବ ଭୋଟରମାନେ ମୂଲ୍ୟଭିତ୍ତିକ ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ଶ୍ରୀ ନାଇଡୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ବିଜେପି ଜାତୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

---

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଏବଂ  ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ରେ ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ  ଗୁଜୁରାଟ ଟାଇଟାନ୍ସ  ଓ କୋଲକାତା ନାଇଟ୍ ରାଇଡର୍ସ ବିଜୟୀ ହୋଇଥିଲେ । ଏପର୍ଯ୍ୟନ୍ତ ପଏଣ୍ଟ ତାଲିକାରେ ୯ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ହାସଲ କରି ପଞ୍ଜାବ କିଙ୍ଗ୍ସ ଶୀର୍ଷରେ ଥିବା ବେଳେ ରୟାଲ୍‌ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୨ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

---

# ପୋଲ୍‌ଭଲ୍‌ଟ ପ୍ରତିଯୋଗିତା

ଭାରତୀୟ କ୍ରୀଡ଼ା ସଂଘ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଇଣ୍ଡିଆନ୍ ଇଣ୍ଡୋର ଓପନ୍ କମ୍ବାଇଣ୍ଡ ଇଭେଣ୍ଟ ଆଣ୍ଡ ପୋଲ୍‌ଭଲ୍‌ଟ ପ୍ରତିଯୋଗିତାରେ ଗତକାଲି ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ୍ ମହିଳା ପେଣ୍ଟାଥଲମ୍‌ରେ ସ୍ୱର୍ଣ୍ଣପଦକ ପାଇଛନ୍ତି । ତାମିଲ୍‌ନାଡୁର

ବାରାନିକା' ପୋଲ୍‌ଭଲ୍‌ଟ୍‌ରେ ୪ ଦଶମିକ ୨/୩ ମିଟର ଅତିକ୍ରମ କରି ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ।